ଭାରତ ନିର୍ବାଚନ ଆୟୋଗ

**Election Commission of India**

**ନିର୍ବାଚନର ପର୍ବ**
**ଦେଶର ଗର୍ବ**
ସାଧାରଣ ନିର୍ବାଚନ - ୨୦୨୪

ଜଣେ ସଚେତନ ଭୋଟର ହୁଅନ୍ତୁ

# ମତଦାତା

# ମାର୍ଗଦର୍ଶିକା

ମତଦାନ ଅଟେ ଅତୁଳନୀୟ, ମତଦାନ ମୁଁ କରିବି ନିଶ୍ଚୟ

# ମତଦାନ ଦିବସ

କର୍ତ୍ତବ୍ୟର ଦିନ

ନିର୍ବାଚନ ଦିବସରେ ମତଦାନକୁ ସୁଗମ କରିବା ପାଇଁ ଛୁଟି ଘୋଷଣା କରାଯାଏ ।

## ଏହା ଛୁଟିର ଦିନ ନୁହେଁ, ମତଦାନର ଦିନ ।

ବୁଥ୍‌କୁ କୌଣସି ବୈଦ୍ୟୁତିକ ଉପକରଣ ଆଣିବାକୁ ଅନୁମତି ନାହିଁ ।

### ଆପଣଙ୍କର ମତଦାନ କେନ୍ଦ୍ର ଖୋଜିବା ପାଇଁ :

voters.eci.gov.in

ଭୋଟର ହେଲ୍ପଲାଇନକୁ କଲ୍ କରନ୍ତୁ - ୧୯୫୦

ଭୋଟର ହେଲ୍ପଲାଇନ ଆପ୍ ।

## ମତଦାନ ଦିନ ବୁଥକୁ ପରିଚୟ ପାଇଁ ନିମ୍ନୋକ୍ତ ଅନୁମୋଦିତ ଦସ୍ତାବିଜ ମଧ୍ୟରୁ ଯେକୌଣସି ଗୋଟିଏ ନେଇ ଆସନ୍ତୁ ।

- ଭୋଟର ପରିଚୟ ପତ୍ର (EPIC)
- ଆଧାର କାର୍ଡ
- ପାନ୍ କାର୍ଡ
- ଦିବ୍ୟାଙ୍ଗ ପରିଚୟ ପତ୍ର (UDID)
- ଫଟୋ ସଲଗ୍ନ ଥିବା ଚାକିରି କ୍ଷେତ୍ରର ପରିଚୟପତ୍ର
- ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ ଓ ପୋଷ୍ଟ ଅଫିସର ପାସ୍‌ବୁକ
- ଶ୍ରମ ମନ୍ତ୍ରଣାଳୟ ଯୋଜନା ଅଧିନରେ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ
- ଡ୍ରାଇଭିଂ ଲାଇସେନ୍ସ
- ପାସପୋର୍ଟ
- (NPR) ଅନ୍ତର୍ଗତ RGI ଦ୍ୱାରା ପ୍ରଦତ୍ତ ସ୍ମାର୍ଟକାର୍ଡ
- ପେନସନ୍ ଦସ୍ତାବିଜ
- ସାଂସଦ, ବିଧାୟକ ବିଧାନସଭା ପରିଷଦର ସଦସ୍ୟଙ୍କୁ ଦିଆଯାଇଥିବା ସରକାରୀ ପରିଚୟପତ୍ର
- MNREGA ଜବ କାର୍ଡ



# ମତଦାନ ପ୍ରକ୍ରିୟା

**୧**



ଭୋଟର ମାନେ ଧାଡିରେ ଛିଡା ହୁଅନ୍ତି ।

**୨**



ଭୋଟର ତାଲିକାରେ ଆପଣଙ୍କ ନାମ ଏବଂ ପରିଚୟ ପତ୍ର ପୋଲିଂ ଅଧିକାରୀ ଯାଞ୍ଚ କରିବେ ।

**୩**



ପୋଲିଂ ଅଧିକାରୀ ଆପଣଙ୍କ ଆଙ୍ଗୁଠି ନଖରେ ଅଲିଭା ସ୍ୟାହି (Indelible ink) ଲଗାଇ ଚିହ୍ନିତ କରିବେ, ଭୋଟର ସ୍ଲିପ୍ ଦେବେ ଏବଂ ଆପଣଙ୍କ ଦସ୍ତଖତ ନେବେ ।

**୪**



ପୋଲିଂ ଅଧିକାରୀ ଭୋଟର ସ୍ଲିପ୍ ନେଇ ଆପଣଙ୍କ ଆଙ୍ଗୁଠି ନଖରେ ଅଲିଭା ସ୍ୟାହି (Indelible ink) ଯାଞ୍ଚ କରିବେ ।

**୫**



ଇଭିଏମ୍ ରେ ଭୋଟ୍ ଦେବାପାଇଁ ଆପଣ ଭୋଟିଂ କମ୍ପାର୍ଟମେଣ୍ଟ ଭିତରକୁ ଯିବେ। ।

ସବିଶେଷ ମତଦାନ ପ୍ରଣାଳୀ ଜାଣିବା ପାଇଁ QR Code ସ୍କାନ କରି ନିମ୍ନ ଭିଡିଓ କୁ ଦେଖନ୍ତୁ।

**NOTA (ନୋଟା/ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ) ଇଭିଏମ୍ ରେ ଶେଷ ବିକଳ୍ପ ଭାବେ ଉପଲବ୍ଧ ।**

# ଆପଣ ଭୋଟ୍ ଦେବା ବେଳେ

## ୧




### ଆପଣଙ୍କ ଭୋଟ୍ ଦେବାକୁ ପ୍ରସ୍ତୁତ

ଚତୁର୍ଥ ଓ ପଞ୍ଚମ ପୋଲିଂ ଅଧିକାରୀ ପର୍ଯ୍ୟାୟ କ୍ରମେ ( MP/MLA) ପାଇଁ ଆପଣ ଭୋଟିଂ କକ୍ଷ ମଧ୍ୟରେ ପ୍ରବେଶ କଲାବେଳେ, ବାଲାଟ୍ ୟୁନିଟ୍ (BU) କୁ ସକ୍ରିୟ କରିଦେବେ । BUରେ 'Ready Lamp' ଆଲୋକ ଜଳିବ ।

## ୨



### ଆପଣଙ୍କ ଭୋଟ୍ ପ୍ରଦାନ କରନ୍ତୁ

ବାଲାଟ୍ ୟୁନିଟ୍ ରେ ଆପଣଙ୍କ ପସନ୍ଦର ପ୍ରାର୍ଥୀଙ୍କ ପାଖରେ ଥିବା ନୀଳ ବଟନକୁ ଦବାନ୍ତୁ / NOTA ଦବାନ୍ତୁ ।

## ୩



### ଆଲୋକ ଦେଖନ୍ତୁ

ପ୍ରାର୍ଥୀଙ୍କ ଚିହ୍ନ ପାଖରେ ଥିବା ନୀଳ ବଟନ କିମ୍ବା NOTA ବଟନ ଦବାଇବା ପରେ ଏକ ଲାଲ୍ ଆଲୋକ ଚମକିବ ।

## ୪




### ଆପଣଙ୍କର ଭୋଟ୍ ଯାଞ୍ଚ କରନ୍ତୁ

ଭୋଟ୍ ଦେବା ପରେ VVPATରେ କ୍ରମିକ ସଂଖ୍ୟା, ନାମ ଏବଂ ଆପଣ ମନୋନୀତ କରିଥିବା ପ୍ରାର୍ଥିଙ୍କ ଚିହ୍ନ ଥିବା ଏକ ସ୍ଲିପ୍ ପ୍ରଦର୍ଶିତ ହେବ ଏବଂ ପ୍ରିଣ୍ଟ ହେବ ।

## ୫



### 'ଶବ୍ଦ' ଶୁଣନ୍ତୁ

କଣ୍ଟ୍ରୋଲ୍ ୟୁନିଟ୍ ରେ ଶବ୍ଦ ଶୁଣିବା ପରେ ଆପଣଙ୍କ ଭୋଟ ସଠିକ ଭାବେ ରେକର୍ଡ ହୋଇଥିବା ଜାଣନ୍ତୁ ।

- **VVPAT ରେ ପ୍ରିଣ୍ଟ ହୋଇଥିବା ସ୍ଲିପ୍ ୭ ସେକେଣ୍ଡ ପାଇଁ ଦୃଶ୍ୟମାନ ହେବ ଏବଂ ଭିଭିପାଟ୍ ଭିତରେ ସୁରକ୍ଷିତ ଭାବେ ରହିବ ।**
- **ଯଦି ଆପଣ VVPATରେ ବାଲାଟ୍ ସ୍ଲିପ୍ ଦେଖିବାକୁ ପାଇଲେ ନାହିଁ କିମ୍ବା ଶବ୍ଦ ଶୁଣିଲେ ନାହିଁ, ତେବେ ପ୍ରିଜାଇଡିଂ ଅଫିସରଙ୍କ ସହିତ ଯୋଗାଯୋଗ କରନ୍ତୁ ।**



# ମତଦାତାଙ୍କ ସୁବିଧା ପାଇଁ ଭାରତ ନିର୍ବାଚନ ଆୟୋଗ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଆପ୍ ।

## ସକ୍ଷମ- ECI



- ଦିବ୍ୟାଙ୍ଗ ମାନଙ୍କ ପାଇଁ ବିଭିନ୍ନ ସୁବିଧା ଉପଲବ୍ଧ ।
- ନିଜକୁ ଦିବ୍ୟାଙ୍ଗ ଭାବରେ ଚିହ୍ନିତ କରନ୍ତୁ ।
- ନୂତନ ଦିବ୍ୟାଙ୍ଗ ଭୋଟର ହେବା ପାଇଁ ଆବେଦନ କରନ୍ତୁ ।
- ହ୍ୱିଲ ଚେୟାର ପାଇଁ ଆବେଦନ କରନ୍ତୁ ।

## ଭୋଟର ହେଲ୍ପ୍ ଲାଇନ୍ ଆପ୍



ଭୋଟର ପଞ୍ଜୀକରଣ ଏବଂ ନିର୍ବାଚନ ସମ୍ବନ୍ଧୀୟ ସେବାଗୁଡ଼ିକ ପାଇଁ one stop ସମାଧାନ ।

ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ବିଷୟରେ ସବିଶେଷ ବିବରଣୀ ଯାଞ୍ଚ କରନ୍ତୁ ।

ଆପଣଙ୍କର ଭୋଟର ସୂଚନା ଚିଠା ପାଇପାରିବେ ।

## KYC ଆପ୍ ( ଆପଣଙ୍କ ପ୍ରାର୍ଥୀ କିଏ ଜାଣନ୍ତୁ )



**ଆପଣଙ୍କ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପ୍ରାର୍ଥୀଙ୍କ ବିବରଣୀ ସେମାନଙ୍କ ସତ୍ୟପାଠରେ ଦାଖଲ କରିଥିବା ତଥ୍ୟ ଅନୁସାରେ ଯାଞ୍ଚ କରନ୍ତୁ ।**
ଶିକ୍ଷାଗତ ଯୋଗ୍ୟତା, ପୂର୍ବ ଅପରାଧିକ ରେକର୍ଡ, ସମ୍ପତ୍ତି ଏବଂ ଋଣ (ଯଦି ଥାଏ) ଆଦି ଚେକ୍ କରନ୍ତୁ ।




## CVIGIL ଆପ୍

- ନିର୍ବାଚନ ଘୋଷଣା ଦିନ ଏହି ଆପ୍ ସକ୍ରିୟ ହୋଇଯାଏ ।

**cVIGIL ଆପ୍ ଦ୍ୱାରା ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ଘଟଣା ବିଷୟରେ ସୂଚନା ଦିଅନ୍ତୁ ।**

# ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ମତଦାନ କେନ୍ଦ୍ରରେ ଉପଲବ୍ଧ ସର୍ବନିମ୍ନ ସୁବିଧା ।

- ରାମ୍ପ ଏବଂ ହ୍ୱିଲ୍ ଚେୟାର
- ବ୍ରେଲି ସୁବିଧା ଯୁକ୍ତ ଇଭିଏମ୍
- ସ୍ୱେଚ୍ଛାସେବୀ
- ଭୋଟିଂ ସମୟରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା
- ସାଇନ ବୋର୍ଡ
- ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ମାନଙ୍କ ପାଇଁ ପରିବହନର ସୁବିଧା



## ଘରେ ରହି ଭୋଟ୍ ଦେବାର ସୁବିଧା / ପୋଷ୍ଟାଲ ବାଲାଟ୍ ସୁବିଧା

୮୫ ବର୍ଷରୁ ଅଧିକ ବୟସ୍କ ନାଗରିକ, ଏବଂ
୪୦%ରୁ ଅଧିକ ଦିବ୍ୟାଙ୍ଗ ( ପ୍ରମାଣପତ୍ର ସହ )
ଫର୍ମ 12 D ପୂରଣ କରି ଭୋଟର୍ ମାନଙ୍କ
ହୋମ ଭୋଟିଂର ସୁବିଧା ପାଇପାରିବେ ।

# ମତଦାତା ସଂକଳ୍ପ

"ଆମେ, ଭାରତର ନାଗରିକମାନେ, ଗଣତନ୍ତ୍ର ଉପରେ ବିଶ୍ୱାସ ରଖି, ଆମ ଦେଶର ଗଣତାନ୍ତ୍ରିକ ପରମ୍ପରା ତଥା ମୁକ୍ତ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ସମ୍ମାନ ରକ୍ଷା କରିବାକୁ ପ୍ରତିଜ୍ଞା କରୁଅଛୁ ଏବଂ ପ୍ରତ୍ୟେକ ନିର୍ବାଚନରେ ନିର୍ଭୟରେ ଏବଂ କୌଣସି ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ କିମ୍ବା ଭାଷାର ବିଚାରଧାରା ଦ୍ୱାରା ପ୍ରଭାବିତ ନହୋଇ ମତଦାନ କରିବୁ ।

**ନିର୍ବାଚନର ପର୍ବ ଦେଶର ଗର୍ବ**

ସାଧାରଣ ନିର୍ବାଚନ - ୨୦୨୪

ଏହି ଆପ୍ ଗୁଡ଼ିକ ବ୍ୟବହାର କରନ୍ତୁ ।

**eci.gov.in**

ପ୍ରତିଟି ଭୋଟ୍ ମୂଲ୍ୟବାନ ।

ଭୋଟର ହେଲ୍ପ ଲାଇନ୍ ୧୯୫୦

**Follow us on : CEO Odisha Ceoodisha odishaceo Chief Electoral Officer Odisha**